

# ସତ୍ୟବାକ୍ୟ

# THE WORD OF TRUTH

MAY & JUNE - 2008

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

VOL.13 May & June...2008 (No.3)

Published every two months in Oriya language for the Restoration of pure New Testament Christianity

Watch SATYA VANI Programme on T.V.-5 Channel
Every Saturday at 6:30 a.m in Telugu Language.

**Speakers : Joshua Gootam & Ricky Gootam**

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O. Box.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - XIII KAKINADA MAY-JUNE 2008

## ଈଶ୍ୱର କହିଅଛନ୍ତି
## (God hath spoken)

ଏହି ସୁପରିଚିତ ପଦ ପୁରାତନ ନିୟମର ପ୍ରତ୍ୟେକ ପୃଷ୍ଠାରେ ପଢ଼ିପାରୁ । ଏହି ଅନୁଗ୍ରହର ଯୁଗରେ ଈଶ୍ୱର କିପରି କଥା କହୁଅଛନ୍ତି, ଏହା ଖ୍ରୀଷ୍ଟ ଜଗତର ଏକ ମତଭେଦର କାରଣ । ପୁରାକଳ ସଦୃଶ୍ୟ ଏବେ ମଧ ଈଶ୍ୱର ଆମ୍ଭମାନଙ୍କ ସହିତ ମୁଖାମୁଖୀ କଥା କହନ୍ତି ବୋଲି ଅନେକ ବିଶ୍ୱାସ କରିଥାନ୍ତି । ଆଉ କେତେକ ଈଶ୍ୱର ତାହାଙ୍କ ଇଚ୍ଛା,ସ୍ୱପ୍ନ ଓ ଦଶନ ଦ୍ୱାରା ପ୍ରକଟ କରୁଅଛନ୍ତି ବୋଲି ଯୁକ୍ତି କରିଥାନ୍ତି । ଈଶ୍ୱର ଆପଣା ମହାଶକ୍ତି ଦ୍ୱାରା ଆମ୍ଭମାନଙ୍କ ହୃଦୟ ସ୍ପର୍ଶ କରି ଉତ୍ତମ ମାର୍ଗରେ ଚାଲିବାକୁ ନିର୍ଦ୍ଦେଶ ଦିଅନ୍ତି ବୋଲି ଆଉ କେତେକଙ୍କ ମତ । ବିଭିନ୍ନ ମନୁଷ୍ୟମାନଙ୍କ ପ୍ରଚଳିତ ବିଭିନ୍ନ ମତ ଦ୍ୱାରା ମନୁଷ୍ୟମାନେ ଆପଣା ଆପଣାକୁ ପ୍ରବଞ୍ଚିତ କରି ଆସୁଅଛନ୍ତି, ଏହି ବିଷୟରେ ଈଶ୍ୱରଙ୍କ ବାକ୍ୟ କଅଣ କହେ, ଈଶ୍ୱରଙ୍କ ବାକ୍ୟରୁ ହିଁ ଜାଣିପାରିବା ।

ସଦାପ୍ରଭୁ ସବୁ କାଳରେ, ସବୁ ସମୟରେ ମନୁଷ୍ୟମାନଙ୍କ ସହିତ କଥା କହି ଆସୁଅଛନ୍ତି । ଆଧୁନିକ ଯୁଗ ତାହାର ବ୍ୟତିରେକ ନୁହେଁ । ବିଭିନ୍ନ କାଳରେ ବିଭିନ୍ନ ପ୍ରକାରେ ସଦାପ୍ରଭୁ ମନୁଷ୍ୟମାନଙ୍କ ସହିତ କଥା କହି ଆସୁଅଛନ୍ତି । ଏବ୍ରୀ ପୁସ୍ତକ କର୍ତ୍ତା ଆପଣା ପୁସ୍ତକ ଏହି ପଦଗୁଡ଼ିକରୁ ଆରମ୍ଭ କରନ୍ତି,''ଈଶ୍ୱର ପୁରାକଳରେ ବିଭିନ୍ନ ଭାଗରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହିଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ ତାହାଙ୍କ ଦ୍ୱାରା ମଧ ସମସ୍ତ ବିଶ୍ୱ ସୃଷ୍ଟି କଲେ ।'' ଏହି ବାକ୍ୟରେ ଈଶ୍ୱର ପୁରାକଳରେ କିପରି କଥା କହିଥିଲେ ଓ ଏହି 'ଶେଷକାଳ'ରେ କିପରି କଥା କହିଅଛନ୍ତି ତାହାର ପ୍ରଭେଦ ଜାଣିପାରୁ । ମୋଶାଙ୍କ ବ୍ୟବସ୍ଥା ପ୍ରଚଳନ ଥିବା ସମୟ ତଥା ତା' ପୂର୍ବ ସମୟ ପୁରାତନ ନିୟମର କାଳ ବା ପୁରାକାଳ । ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଓ ଉତ୍‌ଥାନର ସମୟ 'ଶେଷକାଳ' ବୋଲି

ପ୍ରେରିତ ୨:୧୪-୨୧ ପଦ ଗୁଡ଼ିକରେ ଜାଣିପାରୁ । ସଦାପ୍ରଭୁ ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି । ଯୀଶୁଖ୍ରୀଷ୍ଟ ରୂପାନ୍ତରିତ ହେବା ସମୟରେ, ବ୍ୟବସ୍ଥାର ପ୍ରତିନିଧି ମୋଶା ଓ ଭାବବାଦୀମାନଙ୍କ ପ୍ରତିନିଧି ଏଲିୟ ଏବଂ ପିତର, ଯୋହନ, ଯାକୁବଙ୍କ ସମ୍ମୁଖରେ ପିତା ଈଶ୍ୱର କହିଲେ,"ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।" (ମାଥିଉ ୧୭:୫) । ଏହି ବାକ୍ୟ ଦ୍ୱାରା ଆମ୍ଭେମାନେ କାହାର ବାକ୍ୟ ଶୁଣିବା ଆବଶ୍ୟକ ପିତା ଈଶ୍ୱର ସ୍ପଷ୍ଟ ଭାବେ ପ୍ରକଟ କରିଅଛନ୍ତି । ତେବେ ତାହାଙ୍କ ପ୍ରିୟ ପୁତ୍ରଙ୍କ ବାକ୍ୟ ଏବେ ଆଧୁନିକ ଯୁଗରେ ଆମ୍ଭେମାନେ କିପରି ଶୁଣିପାରିବା ?

ପ୍ରେରିତ ଯୋହନ ସୁସମାଚାର ଏପରି ଭାବେ ଆରମ୍ଭ କରନ୍ତି "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କର ସାଙ୍ଗରେ ଥିଲେ ।" (ଯୋହନ ୧:୧) । ସେହି ବାକ୍ୟ ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ଦ୍ୱାରା ଏହି ଜଗତକୁ ପ୍ରେରିତ ହେବା ପୂର୍ବେ, ତାହାଙ୍କ ସହିତ ଥିଲେ । ଯୋହନ ୧୨:୪୯ ପଦରେ ସେ କହନ୍ତି,"କାରଣ ମୁଁ ଆପଣା ଠାରୁ କହିନାହିଁ, ମାତ୍ର ମୁଁ କଅଣ କହିବି ଓ କଅଣ ବ୍ୟକ୍ତ କରିବି, ତାହା ମୋହର ପ୍ରେରଣକର୍ତ୍ତା ପିତା ମୋତେ ଆଜ୍ଞା ଦେଇଅଛନ୍ତି ।" ଯୀଶୁଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ପରେ ସେ ଆମ୍ଭମାନଙ୍କ ସହିତ କିପରି କଥା କହୁଅଛନ୍ତି ? ଯୀଶୁଖ୍ରୀଷ୍ଟଙ୍କ ପ୍ରସ୍ଥାନ ପରେ ସାହାଯ୍ୟକାରୀ ସତ୍ୟମୟ ଆତ୍ମାଙ୍କୁ ପ୍ରେରଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ପିତା ପରମେଶ୍ୱରଙ୍କ ଠାରୁ ବହିର୍ଗତ ସେହି ସତ୍ୟମୟ ସାହାଯ୍ୟକାରୀ ଆତ୍ମା ଯୀଶୁଖ୍ରୀଷ୍ଟଙ୍କ କଥିତ ସମସ୍ତ ବାକ୍ୟ ଶିଷ୍ୟମାନଙ୍କୁ ସ୍ମରଣ କରାଇ ସମସ୍ତ ସତ୍ୟପଥରେ କଢ଼ାଇ ନେବା ନିମନ୍ତେ ପ୍ରେରିତ ହୋଇଥିଲେ । (ଯୋହନ ୧୫:୨୬, ୧୬:୭,୧୩) । ତାହାଙ୍କ ଆଗମନର ବିବରଣୀ ଆମ୍ଭେମାନେ ପ୍ରେରିତ ଦ୍ୱିତୀୟ ପର୍ବ ପ୍ରଥମ ଚାରିପଦରେ ପଢ଼ିପାରିଥାଉଁ । ତାହାଙ୍କ ଶିଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବା ସାଙ୍ଗେ ସାଙ୍ଗେ ହସ୍ତାର୍ପଣ କରିବାର ଅଧିକାର ଶକ୍ତି ମଧ୍ୟ ପ୍ରାପ୍ତ ହୋଇଥିଲେ । ତାହାଙ୍କ ଶକ୍ତି ଦ୍ୱାରା ସେମାନେ ପ୍ରଥମ ଶତାବ୍ଦୀରେ ଯୀଶୁଖ୍ରୀଷ୍ଟଙ୍କୁ ନିର୍ଭୀକଭାବେ ପ୍ରଚାର କରିପାରିଥିଲେ । ସେହି ସାହାଯ୍ୟକାରୀ ସତ୍ୟମୟ ଆତ୍ମାଙ୍କ ନିର୍ଦ୍ଦେଶନାରେ ସୁସମାଚାର ବିବରଣଗୁଡ଼ିକ ଶିଷ୍ୟମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିମନ୍ତେ ଲିଖିତ ହୋଇଅଛି । ଯେପରି ପାଉଲ କହନ୍ତି,"ଯେଣୁ ମୁଁ ତାହା ମନୁଷ୍ୟ ଠାରୁ ପାଇନାହିଁ କିଅବା ଶିକ୍ଷା କରିନାହିଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତ୍ୟାଦେଶ ଦ୍ୱାରା ପାଇଅଛି ।" (ଗାଲାତୀ ୧:୧୨)

ପବିତ୍ର ଆତ୍ମାଙ୍କ ପ୍ରତ୍ୟାଦେଶ ଦ୍ୱାରା ପବିତ୍ର ବାଇବଲ ଲିଖିତ ହୋଇଅଛି, ଯାହାକୁ ସ୍ୱାଧୀନତାର ବ୍ୟବସ୍ଥା ରୂପେ ଯାକୁବ ନାମିତ କରିଅଛନ୍ତି । (ଯାକୁବ ୧:୨୫) । ପାଉଲଙ୍କ ଭାଷାରେ, "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ୟ ତୀମଥି ୩:୧୬,୧୭) । ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛନ୍ତି । (୨ୟ ପିତର ୧:୩) । ୧ମ କରିନ୍ଥୀ ୧୩:୧୦ ପଦରେ ସିଦ୍ଧ ବିଷୟ ଲୋପ ପାଇବ ବୋଲି ଲେଖାଯାଇଅଛି । ସିଦ୍ଧ ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା କିଅବା ଖ୍ରୀଷ୍ଟଙ୍କ ବାକ୍ୟ ଲିଖିତ ହେବା ପରେ ସ୍ୱପ୍ନ, ଦର୍ଶନ, ଭାବବାଣୀର ଆବଶ୍ୟକତା ରହିବ ନାହିଁ । କାରଣ ପିତା ପରମେଶ୍ୱର ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି । ତେଣୁକରି ତାହାଙ୍କ ବାକ୍ୟ ଧ୍ୟାନ ଓ ଶ୍ରବଣ କରିବା ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ବିଶ୍ୱାସ ଜାତ ହୁଏ । (ରୋମୀୟ ୧୦:୧୭) । ବିଶ୍ୱାସ କରି ପରିତ୍ରାଣ ପାଇବା ନିମନ୍ତେ ଆମ୍ଭମାନଙ୍କୁ କଅଣ କରିବାକୁ ପଡ଼ିବ ଈଶ୍ୱର ମାର୍କ ୧୬:୧୫,୧୬ ପଦଗୁଡ଼ିକ ଦ୍ୱାରା ଜଣାଇ ଦେଇଛନ୍ତି । ବାପ୍ତିଜିତ ହୋଇ ପରିତ୍ରାଣ ପ୍ରାପ୍ତ ହେବା, ଲୋକେ ତାହାଙ୍କ ଦ୍ୱାରା ମଣ୍ଡଳୀର ସଂଯୁକ୍ତ ହୁଅନ୍ତି ବୋଲି ପ୍ରେରିତ ୨:୪୭ ପଦ ଦ୍ୱାରା ଜାଣିପାରୁ । ତାହା କେବଳ ନୁହେଁ, ତାହାଙ୍କ ବାକ୍ୟ ଦ୍ୱାରା ଆରାଧନାର ପଦ୍ଧତି, ପ୍ରକୃତ ଖ୍ରୀଷ୍ଟିୟ ଜୀବନର ସୂତ୍ର ତଥା ଆଗାମୀ ଜୀବନ ବିଷୟରେ ଜାଣି ପାରିଥାଉ । ସମସ୍ତ ଜଗତରେ ସମସ୍ତ ଜାତି ନିକଟରେ ତାହାଙ୍କ ବାକ୍ୟ ପ୍ରଚାର କରିବାର ଆଜ୍ଞା ମାଥିଉ ୨୮:୧୯,୨୦ ତଥା ମାର୍କ ୧୬:୧୫,୧୬ ପଦଗୁଡ଼ିକ ଦ୍ୱାରା ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଜଣାଇ ଆସୁଅଛନ୍ତି, ତାହା କେବଳ ନୁହେଁ, ତାହାଙ୍କ ସୁସମାଚାରକୁ ବିକୃତ କରି ପ୍ରଚାର କରିବା ଲୋକେ ଦଣ୍ଡିତ ହେବେ (ଗାଲାତୀ ୧:୭-୯) । ତାହାଙ୍କ ବାକ୍ୟରେ ଯୋଗ ବା ବିଯୋଗ କରିବାକୁ କାହାକୁ ଅଧିକାର ଦିଆଯାଇନାହିଁ (ପ୍ରକାଶିତ ୨୨:୧୮,୧୯) । ସେହି ବାକ୍ୟ ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ବିଚାରିତ ହେବେ । (ଯୋହନ ୧୨:୪୮) ।

ପରମେଶ୍ୱର ପୁରାକାଳରେ କଥା କହିଥିଲେ, ଏବଂ ବର୍ତ୍ତମାନ ତାହାଙ୍କ ପୁତ୍ରଙ୍କ ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହିଅଛନ୍ତି । ଅନାଦି ଓ ଅନନ୍ତ ପିତା ପରମେଶ୍ୱର

ଆଜି, କାଲି ଓ ନିରନ୍ତର ସମାନ ଅଟନ୍ତି । ତାହାଙ୍କ ବାକ୍ୟ ଚିରସ୍ଥାୟୀ ଓ ଅପରିବର୍ତ୍ତନୀୟ । ଆକାଶ ମଣ୍ଡଳ ଲୋପ ପାଇବ କିନ୍ତୁ ତାହାଙ୍କ ବାକ୍ୟ ଲୋପ ପାଇବ ନାହିଁ । ସର୍ବଶକ୍ତି ପିତା ପରମେଶ୍ୱର ତାହାଙ୍କ ପୁତ୍ରଙ୍କ ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ସହିତ ଆଜି କଥା କହୁଅଛନ୍ତି । ନ୍ୟାୟବାଦୀ ସଦାପ୍ରଭୁ ନିକଟରେ ପ୍ରତ୍ୟେକ ମନୁଷ୍ୟ ସମାନ । ବିଭିନ୍ନ ବ୍ୟକ୍ତିମାନଙ୍କ ବିଭିନ୍ନ ନିୟମ ସେ ସ୍ଥାପନ କରିନାହାନ୍ତି । ଦୁଇହଜାର ବର୍ଷ ପୂର୍ବେ ତାହାଙ୍କ କଥିତ ବାକ୍ୟ ଚିରନ୍ତନ ଓ ଅପରିବର୍ତ୍ତନ ବାକ୍ୟର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇପାରୁ ।

*- J.C. Choate*

❋❋❋

# ଈଶ୍ୱରଙ୍କୁ ପ୍ରେମ କରିବା
## (Loving God)

ଆମ୍ଭମାନଙ୍କ ପିତା ପରମେଶ୍ୱର ନିତ୍ୟସ୍ଥାୟୀ ପରମେଶ୍ୱର ଅଟନ୍ତି । ତାହାଙ୍କ ଦୟା, ତାହାଙ୍କ କୃପା, ତାହାଙ୍କ ପ୍ରେମ ଚିରସ୍ଥାୟୀ ଅଟେ । ସେ କହନ୍ତି,''.......ହଁ, ଆମ୍ଭେ ଚିରସ୍ଥାୟୀ ପ୍ରେମରେ ତୁମ୍ଭକୁ ପ୍ରେମ କରି ଆସିଅଛୁ, ଏହେତୁ ସ୍ନେହପୂର୍ଣ୍ଣ କରୁଣାରେ ଆମ୍ଭେ ତୁମ୍ଭକୁ ଆକର୍ଷଣ କରିଅଛୁ । (ଯିରିମିୟ ୩୧:୩) ସଦାପ୍ରଭୁଙ୍କ କର୍ମ ଚିରସ୍ଥାୟୀ । ସେ ଆମ୍ଭମାନଙ୍କୁ ଚିରସ୍ଥାୟୀ ପ୍ରେମରେ ପ୍ରେମ କରନ୍ତି । ସୃଷ୍ଟି ଆରମ୍ଭରୁ ମନୁଷ୍ୟମାନଙ୍କ ପ୍ରତି ତାହାଙ୍କ ପ୍ରେମ ପ୍ରକଟିତ ହୁଏ । ଷଷ୍ଠ ଦିନରେ ମନୁଷ୍ୟକୁ ନିର୍ମାଣ କରିବା ପୂର୍ବେ ସେ ମନୁଷ୍ୟକୁ ଆବଶ୍ୟକୀୟ ପ୍ରତ୍ୟେକ ବିଷୟ ସୃଷ୍ଟି କରିଥିଲେ । ମନୁଷ୍ୟର ନିର୍ମାଣ ପୂର୍ବେ ସେ ମନୁଷ୍ୟର ଆବଶ୍ୟକୀୟ ଜଳ, ଆଲୋକ, ବୃକ୍ଷଲତା, ପଶୁପକ୍ଷୀ, ମତ୍ସ୍ୟ ପ୍ରଭୃତି ସୃଷ୍ଟି କରିଥିଲେ । ମନୁଷ୍ୟର ଆଜ୍ଞାଲଂଘନ ହେତୁ, ପରମେଶ୍ୱର ଓ ମନୁଷ୍ୟ ମଧ୍ୟରେ ବିଚ୍ଛେଦ ଘଟିଥିଲା । ତେଣୁକରି ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ମନୁଷ୍ୟର ପରିତ୍ରାଣ ନିମନ୍ତେ ପ୍ରେରଣ କରିଥିଲେ । (ଯୋହନ ୩:୧୬) । ପିତା ଆପଣା ସନ୍ତାନମାନଙ୍କ ପ୍ରତି ପ୍ରେମ କରିବା ପରି ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି । (ଗୀତ ୧୦୩:୧୩) । ପାଉଲ କହନ୍ତି,''ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରିଅଛନ୍ତି ।'' (ରୋମୀୟ ୫:୮) ।

ସଦାପ୍ରଭୁ ପରମେଶ୍ୱର ଏହି ଜଗତରେ ଆମ୍ଭମାନଙ୍କ ଆତ୍ମାର ସୁରକ୍ଷିତ ଭାବେ ଅଭିବୃଦ୍ଧି ପାଇବା ନିମନ୍ତେ ମଣ୍ଡଳୀ ସ୍ଥାପନ କରି ଆମ୍ଭମାନଙ୍କ ପ୍ରତି ତାହାଙ୍କ ପ୍ରେମ ପ୍ରକାଶ କରିଅଛନ୍ତି । ମଣ୍ଡଳୀର ଆତ୍ମିକ ସହଭାଗୀତା ଦ୍ୱାରା ଆମ୍ଭମାନଙ୍କ ଆତ୍ମା ଏହି ଜଗତରେ ଅଭିବୃଦ୍ଧି ପାଇଥାଏ । ଆମ୍ଭମାନଙ୍କ ପ୍ରତି ଦୟା ବହି ସଦାପ୍ରଭୁ ପରମେଶ୍ୱର ଏହି ଜଗତରେ ପରିବାର ରୂପ ସଂସ୍ଥା ସ୍ଥାପନ କରିଅଛନ୍ତି । ପରିବାର ବିନା ମନୁଷ୍ୟ ଏହି ଜଗତରେ ବଞ୍ଚି ରହିବା ଅସମ୍ଭବ । ପରିବାର ଦ୍ୱାରା ଆମ୍ଭମାନଙ୍କୁ ଆଶୀର୍ବାଦ କରି ସେ ଆମ୍ଭମାନଙ୍କ ପ୍ରତି ଦୟାବହି ତାହାଙ୍କ ଆଜ୍ଞା ଓ ବାକ୍ୟ ବାଇବଲ ରୂପରେ ପ୍ରଦାନ କରିଅଛନ୍ତି । ''ସେ ଯାକୁବ ପ୍ରତି ଆପଣା ବାକ୍ୟ, ଇଶ୍ରାୟେଲ ପ୍ରତି ଆପଣା ବିଧି ଓ ଶାସନ ପ୍ରକାଶ କରନ୍ତି ।'' (ଗୀତ ୧୪୭:୧୯) । ସଦାପ୍ରଭୁଙ୍କ ଦତ୍ତ ଅନୁସରଣୀୟ ଆଜ୍ଞା ବିନୁ ଆମ୍ଭେମାନେ ସଠିକ୍ ପଥରେ ଚାଲିପାରିବା ନାହିଁ । ତାହାଙ୍କ ବାକ୍ୟ ଆମ୍ଭମାନଙ୍କୁ ପ୍ରଦାନ କରି ସେ ଆମ୍ଭମାନଙ୍କ ପ୍ରତି ତାହାଙ୍କ ପ୍ରେମ ପ୍ରକଟ କରିଅଛନ୍ତି ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଆମ୍ଭମାନଙ୍କ ପ୍ରତି ପ୍ରେମ ଅପାର । ''ସେ ଈଶ୍ୱରରୂପୀ ହେଲେହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସ ରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ ।'' (ଫିଲିପି ୨:୬-୮) । ଯୀଶୁଖ୍ରୀଷ୍ଟ ଏହି ଜଗତରେ ଏକ ଦୀନ ପରିବାରେ ଜନ୍ମଗ୍ରହଣ କରି ତିରିଶି ବର୍ଷ ପର୍ଯ୍ୟନ୍ତ ବଢ଼େଇ ପୁଅ ରୂପେ ଜୀବନ ନିର୍ବାହ କରି ଆମ୍ଭମାନଙ୍କ ପ୍ରତି ତାହାଙ୍କ ପ୍ରେମ ପ୍ରକଟ କରିଅଛନ୍ତି । ସେ ଏହି ଜଗତରେ ଥିବା ସମୟରେ ଆତ୍ମାର ରକ୍ଷା ନିମନ୍ତେ ଗ୍ରାମେ ଗ୍ରାମେ ପାଦରେ ଚାଲି ସୁସମାଚାର ପ୍ରଚାର କରିଥିଲେ । ଖାଦ୍ୟ ଖାଇବା ନିମନ୍ତେ କିଅବା ବିଶ୍ରାମ ନେବା ନିମନ୍ତେ ସେ ସମୟ ପାଉନଥିଲେ । ମନୁଷ୍ୟମାନଙ୍କ ପ୍ରତି ପ୍ରେମ ବହି ସେ ସେମାନଙ୍କୁ ଅନେକ ବିଷୟ ଶିକ୍ଷା ଦେଉଥିଲେ । ଖାଦ୍ୟ ପରିବେଷଣ କରୁଥିଲେ । ଆମ୍ଭମାନଙ୍କ ପ୍ରତି ତାହାଙ୍କ ପ୍ରେମ ହେତୁ ସେ ଅନେକ କଷ୍ଟ ସହ୍ୟ କଲେ । ପିଲାତଙ୍କ ଦ୍ୱାରା ନିର୍ଯ୍ୟାତନା ସହି କ୍ରୁଶର କଠୋର ମୃତ୍ୟୁ ଭୋଗିଥିଲେ । ଖ୍ରୀଷ୍ଟଙ୍କ ପ୍ରେମବୋଧର ଅଗମ୍ୟ (ଏଫିସୀ ୩:୧୮) ଈଶ୍ୱରଙ୍କ ଓ ଖ୍ରୀଷ୍ଟଙ୍କ ମହାପ୍ରେମ ହେତୁ ଆମ୍ଭେମାନେ ଅନୁଗ୍ରହରେ ପରିତ୍ରାଣ ପାଇଅଛୁ । (ଏଫିସୀ ୨:୪) । କ୍ଳେଶ, କି ସଙ୍କଟ, କି ତାଡ଼ନା, କି ଦୁର୍ଭିକ୍ଷ, କି ଉଲଂଘତା, କି ବିପଦ, କି ଖଡ଼୍ଗ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ପ୍ରେମରୁ ବିଚ୍ଛିନ୍ନ କରିନପାରେ । ତାହାଙ୍କ ପ୍ରେମ ଦ୍ୱାରା ଆମ୍ଭେମାନେ ସର୍ବତୋଭାବେ ବିଜୟୀ ଅଟୁ । (ରୋମୀୟ ୮:୩୫-୩୯)

ଈଶ୍ୱର ଆମ୍ଭମାନଙ୍କୁ ପ୍ରେମ କରନ୍ତି । ଖ୍ରୀଷ୍ଟ ଆମ୍ଭମାନଙ୍କୁ ପ୍ରେମ କରନ୍ତି । ଆମ୍ଭେମାନେ କି ଈଶ୍ୱରଙ୍କୁ ପ୍ରେମ କରୁଅଛୁ ? ଆମ୍ଭେମାନେ ତାହାଙ୍କୁ ପ୍ରେମ ନକଲେ ତାହାଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇନପାରୁ । ଆମ୍ଭେମାନେ ତାହାଙ୍କୁ ପ୍ରେମ କରୁଅଛୁ କି ନାହିଁ କିପରି ଜାଣିପାରିବା ? ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଆପଣା ଆପଣାକୁ ପରୀକ୍ଷା କରୁ । ଯୀଶୁ କହିଲେ,"ମୁଁ ଯେପରି ମୋହର ପିତାଙ୍କ ଆଜ୍ଞାପାଳନ କରି ତାହାଙ୍କ ପ୍ରେମରେ ସ୍ଥିର ହୋଇ ରହିଥାଏ, ସେ ପ୍ରକାର ତୁମ୍ଭେମାନେ ଯେବେ ମୋହର ଆଜ୍ଞାପାଳନ କର, ତାହା ହେଲେ ମୋହର ପ୍ରେମରେ ସ୍ଥିର ହୋଇ ରହିବ ।" (ଯୋହନ ୧୫:୧୦) । ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନ କଲେ ତାହାଙ୍କୁ ପ୍ରେମ କରୁଅଛୁ ବୋଲି ଜାଣିପାରୁ । ତାହାଙ୍କ ଆଜ୍ଞା ସକଳ ତାହାଙ୍କ ଲିଖିତ ବାକ୍ୟରୁ ଜାଣିପାରିବା । "କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞାସବୁ ଭାରସ୍ୱରୂପ ନୁହେଁ । (୧ମ ଯୋହନ ୫:୩) ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ପ୍ରତିବାସୀ ଓ ପରସ୍ପରଙ୍କୁ ପ୍ରେମ କରିବା । "ଈଶ୍ୱରଙ୍କୁ ପ୍ରେମ କରୁଅଛି ବୋଲି କହି ଯଦି କେହି ଆପଣା ଭାଇକୁ ଘୃଣା କରେ, ତାହାହେଲେ ସେ ମିଥ୍ୟାବାଦୀ, ଯେଣୁ ଯେଉଁ ଭାଇକୁ ଦେଖି ନାହିଁ, ତାହାଙ୍କୁ ପ୍ରେମ କରିପାରେ ନାହିଁ । ଯେ ଈଶ୍ୱରଙ୍କୁ ପ୍ରେମ କରେ, ସେ ଆପଣା ଭାଇକୁ ମଧ୍ୟ ପ୍ରେମ କରୁ, ଏହି ଆଜ୍ଞା ଆମ୍ଭେମାନେ ତାହାଙ୍କ ଠାରୁ ପାଇଅଛୁ ।" (୧ମ ଯୋହନ ୪:୨୦-୨୧) । ".......ବିଶେଷରେ ପ୍ରଗାଢ଼ ପ୍ରେମରେ ପରସ୍ପରକୁ ପ୍ରେମ କରୁଥାଅ, କାରଣ ପ୍ରେମ ବହୁଳ ପାପ ଆଚ୍ଛାଦନ କରେ ।" (୧ମ ପିତର ୪:୮) । "ହିଂସା କଳି ଜନ୍ମାଏ, ମାତ୍ର ପ୍ରେମ ସବୁ ଅଧର୍ମ ଢାଙ୍କଇ ।" (ହିତ ୧୦:୧୨)

ଦ୍ୱିତୀୟ, ଈଶ୍ୱରଙ୍କୁ ପ୍ରେମ କରିବା ଲୋକେ ସାଂସାରିକ ବିଷୟ ପ୍ରେମ କରନ୍ତି ନାହିଁ । ବାକ୍ୟ କହେ,"ସଂସାର କିଅବା ସେଥିରେ ଥିବା ବିଷୟସବୁକୁ ପ୍ରେମ ନକର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ ।" (୧ମ ଯୋହନ ୨:୧୫) । ଥରେ ଜଣେ ଯୁବକ ଦୌଡ଼ି ଆସି ତାହାଙ୍କ ଛାମୁରେ ଜାନୁ ପାତି ତାହାଙ୍କୁ ପଚାରିଲେ,"ଅନନ୍ତ ଜୀବନର ଅଧିକାର ହେବା ନିମନ୍ତେ ମୋତେ କଅଣ କରିବାକୁ ହେବ ? ଯୀଶୁଖ୍ରୀଷ୍ଟ ସମସ୍ତ ଆଜ୍ଞାପାଳନ କରି, ଆପଣା ସମସ୍ତ ପରିତ୍ୟାଗ କରି ତାହାଙ୍କ ଅନୁଗମନ କରିବା ନିମନ୍ତେ ଉପଦେଶ ଦେଇଥିଲେ । କିନ୍ତୁ ଯୀଶୁଙ୍କ କଥାରେ ସେ ଧନୀ ଯୁବକ ମୁଖ ମଳିନ କରି ଯୀଶୁଙ୍କ ନିକଟକୁ ଫେରି ଯାଇଥିଲେ । (ମାର୍କ ୧୦:୧୭-୨୩) । ପ୍ରେରିତ ପାଉଲଙ୍କ ସୁସମାଚାର ପରିଚର୍ଯ୍ୟା ସମୟରେ

ଅନେକ ସାଥି ରହିବା ବିଷୟ ଆମ୍ଭେମାନେ ତାହାଙ୍କ ଲିଖିତ ପତ୍ରିକା ଦ୍ୱାରା ଜାଣିଥାଉ । ସେମାନଙ୍କ ମଧ୍ୟରେ ଦୀମା ଅନ୍ୟତମ । ସେ ପାଉଲଙ୍କ ସହିତ ଅନେକ ଅଞ୍ଚଳରେ ସୁସମାଚାର ପ୍ରଚାରରେ ସହଭାଗୀ ଥିଲେ । ତାହାଙ୍କ ବିଷୟରେ ପାଉଲ କହନ୍ତି, "......ଦୀମା ଏହି ବର୍ତ୍ତମାନ ସଂସାରକୁ ପ୍ରେମ କରି ମୋତେ ପରିତ୍ୟାଗ କରିଅଛି......." (୨ ତୀମଥି ୪:୧୦) । ଯେଉଁମାନେ ସଂସାରକୁ ପ୍ରେମ କରନ୍ତି, ସେମାନଙ୍କ ଠାରେ ଈଶ୍ୱରଙ୍କ ପ୍ରେମ ନାହିଁ ।

ତୃତୀୟରେ ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ସେମାନେ ତାହାଙ୍କୁ ଆପଣା ଆପଣା ଜୀବନରେ ସର୍ବ ପ୍ରଥମ ସ୍ଥାନ ଦେଇଥାନ୍ତି । "......କେହି ଯେବେ ମୋ ନିକଟକୁ ଆସି ଆପଣା ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ, ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନକରେ, ତେବେ ସେ ମୋହର ଶିଷ୍ୟ ହୋଇପାରେ ନାହିଁ ।" (ଲୂକ ୧୪:୨୬) ଆମ୍ଭେମାନେ ସର୍ବପ୍ରଥମେ ତାହାଙ୍କ ରାଜ୍ୟ ଓ ନୀତି ଅନ୍ୱେଷଣ କରୁ । (ମାଥିଉ :୩୩) ।

ଚତୁର୍ଥରେ, ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ସେମାନେ ମଣ୍ଡଳୀର କାର୍ଯ୍ୟ ନିମନ୍ତେ, ସୁସମାଚାର ପ୍ରଚାର ନିମନ୍ତେ ଦାନ ଦିଅନ୍ତି । ଆପଣା ଅନାଟନ ଅବସ୍ଥାରେ ନିଜ ପ୍ରାଣ ବଞ୍ଚାଇବା ନିମନ୍ତେ ସଞ୍ଚୟ କରିଥିବା ଦୀନ ଦରିଦ୍ରର ଦାନ ଯୀଶୁଖ୍ରୀଷ୍ଟ ପ୍ରଶଂସା କରିଥିଲେ । ଯୀଶୁଖ୍ରୀଷ୍ଟ ମୃତ୍ୟୁରୁ ପୁନଃରୁତ୍ଥିତ ହେବା ପରେ, ପିତରକୁ ତିନିଥର ପ୍ରଶ୍ନ କରି କହିଲେ,"ତୁମ୍ଭେ କଅଣ ମୋତେ ଏମାନଙ୍କ ଠାରୁ ଅଧିକ ପ୍ରେମ କରୁଅଛ ? .......ମେଷଶାବକମାନଙ୍କୁ ପାଳନ କର ।" (ଯୋହନ ୨୧:୧୫-୧୭) । ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ସେମାନେ ମଣ୍ଡଳୀର ସଭ୍ୟମାନଙ୍କ ଆତ୍ମାର ସଂରକ୍ଷଣ ନିମନ୍ତେ କାର୍ଯ୍ୟ କରନ୍ତି ।

ସମସ୍ତ ଉତ୍ତମ ଦାନ ଓ ଆଶୀଷ ଈଶ୍ୱରଙ୍କ ଠାରେ ସଞ୍ଚିତ ହୋଇଅଛି । "ଯଦି କେହି ପ୍ରଭୁଙ୍କୁ ପ୍ରେମ ନକରେ ତେବେ ସେ ଶାପଗ୍ରସ୍ତ ହେଉ ।" (୧ମ କରିନ୍ଥୀ ୧୫:୨୨) ।

*- Kabita Gootam*

❋ ❋ ❋

# ଆସାମାନ୍ୟ ଭାବବାଦୀ
## (A prophet like none other)

ଦୀର୍ଘ ଅଶି ବର୍ଷ କାଳ ଇଶ୍ରାୟେଲ ଗୋଷ୍ଠୀର ନେତୃତ୍ୱ ବହନ କରି ମୃତ୍ୟୁଭୋଗ କରିବା ପରେ ମୋଶା ଏହି ସମ୍ମାନର ଅଧିକାରୀ ହୋଇଥିଲେ । ଚାରିଶହ ବର୍ଷ ମିଶର ଦାସତ୍ୱରେ ଥିବା ଇଶ୍ରାୟେଲ ଗୋଷ୍ଠୀକୁ ମିଶରରୁ ବାହାର କରି ଆଣିବାରେ ସଦାପ୍ରଭୁ ମୋଶାଙ୍କ ହସ୍ତ ବଳବାନ କରିଥିଲେ । ପ୍ରାନ୍ତରରେ ତାହାଙ୍କ ମୃତ୍ୟୁ ପରେ ଇଶ୍ରାୟେଲ ପ୍ରତିଜ୍ଞାତ ଦେଶରେ ପଦାର୍ପଣ କରିବାକୁ ଆରମ୍ଭ କରିଥିଲେ । ମୋଶା ନୂନର ପୁତ୍ର ଯିହୋଶୂୟଙ୍କର ମସ୍ତକରେ ହସ୍ତାର୍ପଣ କରି ଇଶ୍ରାୟେଲର ନେତୃତ୍ୱର ଭାର ତାହାଙ୍କ ସ୍କନ୍ଧରେ ଥୋଇଲେ ।

ଇଶ୍ରାୟେଲୀୟମାନେ କାଦେଶରେ ଉପସ୍ଥିତ ହେଲାବେଳେ ସେଠାରେ ଜଳ ନଥିଲା । ତହିଁରେ ସେମାନେ ସଦାପ୍ରଭୁ ଓ ସେମାନଙ୍କ ନାୟକ ମୋଶା ଓ ହାରଣ ବିରୁଦ୍ଧରେ ବଚସାକଲେ । ତହିଁରେ ମୋଶା ଓ ହାରଣ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବାରୁ, ସଦାପ୍ରଭୁ କହିଲେ, ''ତୁମ୍ଭେ ଯଷ୍ଟି ନିଅ, ପୁଣି ତୁମ୍ଭେ ଓ ତୁମ୍ଭ ଭାଇ ହାରଣ ମଣ୍ଡଳୀକି ଏକତ୍ରକର, ଆଉ ତୁମ୍ଭେମାନେ ସେମାନଙ୍କ ଦୃଷ୍ଟିଗୋଚରରେ ସେହି ଶୈଳକୁ ଆପଣା ଜଳ ଦେବା ନିମନ୍ତେ ଆଜ୍ଞା ଦିଅ, ତହିଁରେ ତୁମ୍ଭେ ସେମାନଙ୍କ ନିମନ୍ତେ ଶୈଳରୁ ଜଳ ବାହାର କରି ମଣ୍ଡଳୀକି ଓ ସେମାନଙ୍କ ପଶୁଗଣକୁ ପାନ କରାଇବ ।'' (ଗଣନା ୨୦:୮) ।

ସଦାପ୍ରଭୁ ମୋଶାଙ୍କୁ ଶୈଳକୁ ଆଘାତ କରିବା ନିମନ୍ତେ ଆଜ୍ଞା ଦେଇଥିଲେ । କିନ୍ତୁ ମୋଶା ଇଶ୍ରାୟେଲୀୟମାନଙ୍କ ଉପରେ ବିରକ୍ତ ହୋଇ କ୍ରୋଧରେ ସେହି ଶୈଳକୁ ଦୁଇଥର ଆପଣା ଯଷ୍ଟିରେ ଆଘାତ କଲେ । (ଗୀତ ୧୦୬:୩୩) । ଦୁଇଭାଇ ସଦାପ୍ରଭୁଙ୍କ ବାକ୍ୟ ପବିତ୍ର ବୋଲି ମାନ୍ୟ ନ କରିବାରୁ, ସଦାପ୍ରଭୁ ସେମାନଙ୍କୁ ଦଣ୍ଡ ଦେଇଥିଲେ । ମୋଶା ଓ ହାରଣ ସଦାପ୍ରଭୁଙ୍କ ବାକ୍ୟ ଅମାନ୍ୟ କରିବାରୁ ସେ ସେମାନଙ୍କୁ ପ୍ରତିଜ୍ଞାତ ଦେଶରେ ପ୍ରବେଶ ବାରଣ କଲେ ।

ମୋଶା ପ୍ରତିଜ୍ଞାତ ଦେଶ, ରମଣୀୟ ପର୍ବତ ଲିବାନାନ୍ ଦେଖିବା ନିମନ୍ତେ ସଦାପ୍ରଭୁଙ୍କ ଠାରେ ବିନତି କରିବାରୁ ସେ ସମ୍ମତ ନୋହିଲେ । ସେ ବିଷୟରେ ମୋଶା ଇଶ୍ରାୟେଲୀୟ ଗୋଷ୍ଠୀକୁ କହିଲେ, ''ମାତ୍ର ସଦାପ୍ରଭୁ ତୁମ୍ଭମାନଙ୍କ ସକାଶେ ମୋ ଉପରେ କ୍ରୋଧ କଲେ ଓ ମୋ କଥା ଶୁଣିଲେ ନାହିଁ, ଆଉ ସଦାପ୍ରଭୁ ମୋତେ କହିଲେ, ତୁମ୍ଭର

ଯଥେଷ୍ଟ ହେଲାଣି, ଏ ବିଷୟରେ ଆମ୍ଭକୁ ଆଉ କୁହ ନାହିଁ । ପିସ୍‌ଗାର ଶୃଙ୍ଗକୁ ଚଢ଼ିଯାଅ, ଆଉ ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ପୂର୍ବ ଆଡ଼େ ଅନାଇ ଦେଖ, ଓ ଆପଣା ଚକ୍ଷୁରେ ତାହା ନିରୀକ୍ଷଣ କର, କାରଣ ତୁମ୍ଭେ ଏହି ଯର୍ଦ୍ଦନ ପାର ହୋଇ ଯିବ ନାହିଁ । ମାତ୍ର ଯିହୋଶୂୟକୁ ଆଜ୍ଞା ଦିଅ ଓ ତାହାକୁ ବଳବାନ କରାଅ, କାରଣ ସେ ଏହି ଲୋକଙ୍କର ଆଗେ ଆଗେ ପାର ହୋଇଯିବ, ପୁଣି ତୁମ୍ଭେ ଯେଉଁ ଦେଶ ଦେଖିବ, ତାହା ସେ ସେମାନଙ୍କୁ ଅଧିକାର କରାଇବ ।'' (୨ୟ ବିବରଣ ୩:୨୧-୨୯) ।

ଦ୍ୱିତୀୟ ବିବରଣ ୩୪ ପର୍ବରେ ମୋଶା ନବୋ ପର୍ବତକୁ ଅର୍ଥାତ୍ ଯିରୀହ ସମ୍ମୁଖସ୍ଥିତ ପିସର୍ଗା ଶୃଙ୍ଗ ଆରୋହଣ କରିବାର ବିବରଣ ଲେଖାଯାଏ । ଇଶ୍ରାୟେଲୀୟମାନେ ଅଧିନ କରୁଥିବା ଦେଶ ସଦାପ୍ରଭୁ ତାହାଙ୍କୁ ସେଠାରୁ ଦେଖାଇଥିଲେ । ସେ ସମୟରେ କ୍ରୟ କରି ଥିବା ପ୍ରଦେଶ ଚକ୍ଷୁଦ୍ୱାରା ନିରୀକ୍ଷଣ କରି ଅଧିକାର କରୁଥିଲେ ବୋଲି ଅନେକ ଲେଖକଙ୍କ ମତ । ତାହା ହେଲେ ମହାନ୍ ଭାବବାଦୀଙ୍କ ଜୀବନ ଉତ୍ତମ ଭାବେ ଶେଷ ହୋଇଥିଲା । ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଅନୁଯାୟୀ ମୋଶା ଇହ ଜଗତର ପୁରସ୍କାର ଠାରୁ ସ୍ୱର୍ଗୀୟ ପୁରସ୍କାର ନିମନ୍ତେ ଦୃଷ୍ଟିପାତ କରିଥିଲେ । ପ୍ରେରିତ ପାଉଲ ମଧ୍ୟ ସମଭାବ ଫିଲିପ ୧:୨୩ ପଦରେ ପ୍ରକାଶ କରିଛନ୍ତି । ମୋଶା ଆରମ୍ଭ କରିଥିବା କାମ ସମାପ୍ତ ହେବା ଦେଖିବାକୁ ଇଚ୍ଛା କରିବା ସଙ୍ଗେ ସଙ୍ଗେ ସ୍ୱଗୃହରେ ପ୍ରବେଶ କରିବା ନିମନ୍ତେ ଆକାଂକ୍ଷିତ ଥିଲେ ।

ମୋଶା ''ସଦାପ୍ରଭୁଙ୍କ ବାକ୍ୟାନୁସାରେ'' ମୃତ୍ୟୁ ଭୋଗିଲେ ବୋଲି ଦ୍ୱିତୀୟ ବିବରଣ ୩୪:୫ ପଦରେ ଲେଖାଯାଏ । ପୁତ୍ର ଯେପରି ପିତାଙ୍କ କୋଳରେ ସୁଖରେ ଶୟନ କରେ ସେପରି ମୋଶା ସ୍ୱର୍ଗସ୍ଥ ପରମ ପିତାଙ୍କ କୋଳରେ ଶୟନ କଲେ ବୋଲି ଯିହୁଦୀୟଗୁରୁ ମନେ କରନ୍ତି । ସଦାପ୍ରଭୁ ମୋୟାବ ଦେଶରେ ବୈତ୍‌ପିୟାର ସମ୍ମୁଖସ୍ଥ ଉପତ୍ୟକାରେ ତାହାଙ୍କୁ କବର ଦେଲେ, ମାତ୍ର ଆଜି ପର୍ଯ୍ୟନ୍ତ ତାଙ୍କର କବରସ୍ଥାନ କେହି ଜାଣେ ନାହିଁ ।

ଚାଳିଶି ବର୍ଷ ବୟସ୍କ ମୋଶା ଇଶ୍ରାୟେଲର ନେତୃତ୍ୱ ଦୀର୍ଘ ଅଶୀ ବର୍ଷ ବହନ କରି, ଏକଶହ କୋଡ଼ିଏ ବର୍ଷ ବୟସରେ ମୃତ୍ୟୁଭୋଗିଲେ । ତାଙ୍କର ଚକ୍ଷୁ ଧଳା ହୋଇନଥିଲା କିଅବା ତାଙ୍କର ସ୍ୱାଭାବିକ ବଳ ହ୍ରାସ ପାଇନଥିଲା ବୋଲି ବାକ୍ୟରେ କୁହାଯାଇଅଛି । ଇଶ୍ରାୟେଲମାନେ ସେମାନଙ୍କ ପ୍ରିୟ ନାୟକଙ୍କ ନିମନ୍ତେ ତିରିଶି ଦିନ ରୋଦନ କଲେ । ତତ୍ପରେ ନେତୃତ୍ୱର ଭାର ନୂନର ପୁତ୍ର ଯିହୋଶୂୟଙ୍କ ଉପରେ ପଡ଼ିଲା ।

ଯଦିଓ ମୋଶା ପ୍ରତିଜ୍ଞାତ ଦେଶରେ ପାଦ ପକାଇବାକୁ ଅନୁମତି ପାଇନଥିଲେ ତଥାପି ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ସହିତ ରୂପାନ୍ତରିତ ହେବା ପର୍ବତରେ ସେ ଉପସ୍ଥିତ ହେଲେ । ଏହି ମହୋତ୍ତମ ଭାବବାଦୀ ବିଷୟରେ ବାକ୍ୟ ଏହିପରି ସାକ୍ଷ୍ୟ ଦିଏ, ''ପୁଣି ମୋଶା ସମସ୍ତ ବାହୁବଳ ଓ ମହାତ୍ରାସର ସେସବୁ କର୍ମ ସମସ୍ତ ଇଶ୍ରାୟେଲ ଦୃଷ୍ଟି କରିଥିଲେ । ସେସବୁ ବିଷୟରେ ମୋଶାଙ୍କ ସଦୃଶ୍ୟ ଆଉ କୌଣସି ଭବିଷ୍ୟଦ୍‌ବକ୍ତା ସେହି ଦିନାବଧି ଇଶ୍ରାୟେଲ ମଧ୍ୟରେ ଉତ୍ପନ୍ନ ହୋଇନାହିଁ । (ଦ୍ୱିତୀୟ ବିବରଣ ୩୪:୧୨) ।

*- Garyc Hamton*

❋❋❋

# ଶ୍ରେଷ୍ଠତମ ପୁସ୍ତକ
## (GOD'S GREAT BOOK)

ବାଇବଲ ଈଶ୍ୱରଙ୍କ ଦତ୍ତ ବହୁମୂଲ୍ୟ ପୁସ୍ତକ । 'ବାଇବଲ' ବୋଲି ଏହି ପଦର ଅର୍ଥ ପୁସ୍ତକ । ଈଶ୍ୱରଙ୍କ ଦତ୍ତ ଏହି ପୁସ୍ତକ ମନୁଷ୍ୟଲିଖିତ ସମସ୍ତ ପୁସ୍ତକ ଠାରୁ ମୂଲ୍ୟବାନ । ଏହା ଦରିଦ୍ରମାନଙ୍କ ସମ୍ପଦ, ଭରସା ହୀନମାନଙ୍କ ଭରସା, କ୍ଷୁଧିତମାନଙ୍କ ଖାଦ୍ୟ, ବିନଷ୍ଟ ହେଉଥିବା ଆତ୍ମାମାନଙ୍କ ପଥ ପ୍ରଦର୍ଶକ । ଏହା ଖ୍ରୀଷ୍ଟଧର୍ମର ମୂଳ ଆଧାର ।

ପ୍ରକୃତରେ, ଏହି ମହାନ୍ ପୁସ୍ତକର ନାମ ଈଶ୍ୱର ଦତ୍ତ ନୁହେଁ । କାରଣ ଏହି ନାମ ଆମ୍ଭେମାନେ ଏହି ପୁସ୍ତକରେ ଲିଖିତ ପୃଷ୍ଠାରେ ନପାଉଁ । ଏହା ''ଈଶ୍ୱରଙ୍କ ବାକ୍ୟ'' (ଏବ୍ରୀ ୪:୧୨) । ''ଧର୍ମଶାସ୍ତ୍ର'' (ଯୋହନ ୫:୩୯) ପ୍ରଭୃତି ବୋଲି ଉଲ୍ଲେଖିତ ହୋଇଅଛି । ଏହି ପୁସ୍ତକ ଅନ୍ୟ ପୁସ୍ତକ ସଦୃଶ୍ୟ ନୁହେଁ । ଏହା ଜୀବନ୍ତ ବାକ୍ୟ ଅଟେ । ପବିତ୍ର ଆତ୍ମାଙ୍କ ପରିଚାଳନରେ ମନୋନୀତ ଲୋକମାନଙ୍କ ଦ୍ୱାରା ଏହା ଲିଖିତ ହୋଇଅଛି । ଯେପରିକି ଆମ୍ଭେମାନେ ଈଶ୍ୱରଙ୍କ ସତ୍ୟ ବାକ୍ୟ ପାଇପାରୁ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, ''ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ ।'' ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।'' (୨ୟ ତୀମଥି ୪:୧୬-୧୭)

ପ୍ରକୃତରେ, ବାଇବଲ ଏକ ମହାନ୍ ଗ୍ରନ୍ଥାଳୟ । ଏହି ପୁସ୍ତକ ୬୬ ପୁସ୍ତକ ଗୁଡ଼ିକର ସମଷ୍ଟି । ଏହି ପୁସ୍ତକଗୁଡ଼ିକ ଷୋହଳ ଶହ ବର୍ଷ ସମୟ ମଧ୍ୟରେ ଚାଳିଶିଲୋକଙ୍କ

ଦ୍ୱାରା ଲିଖିତ ହୋଇଅଛି । ବାଇବଲକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଏ । ପ୍ରଥମ ଭାଗ ପୁରାତନ ନିୟମ ଓ ଏହା ୩୯ ପୁସ୍ତକଗୁଡ଼ିକର ସମିଷ୍ଟ । ଦ୍ୱିତୀୟ ଭାଗ ନୂତନ ନିୟମ ଓ ଏହା ୨୭ ପୁସ୍ତକଗୁଡ଼ିକର ସମିଷ୍ଟ । ବାଇବଲର ପ୍ରଥମ ପାଞ୍ଚଟି ପୁସ୍ତକ - ଆଦିପୁସ୍ତକ, ଯାତ୍ରାପୁସ୍ତକ, ଲେବୀୟପୁସ୍ତକ, ଗଣନା ପୁସ୍ତକ ଓ ଦ୍ୱିତୀୟ ବିବରଣ । ଏହି ପାଞ୍ଚ ପୁସ୍ତକ ବ୍ୟବସ୍ଥାପକ ମୋଶା ପବିତ୍ର ଆତ୍ମାଙ୍କ ଚାଳନାରେ ଲେଖିଥିଲେ । ଯିହୋଶୂୟ, ବିଚାରକର୍ତ୍ତାମାନଙ୍କ ବିବରଣ, ରୂତର ବିବରଣ, ପ୍ରଥମ ଓ ଦ୍ୱିତୀୟ ଶାମୁୟେଲ, ପ୍ରଥମ ଓ ଦ୍ୱିତୀୟ ରାଜାବଳୀ, ପ୍ରଥମ ଓ ଦ୍ୱିତୀୟ ବଂଶାବଳୀ, ଏଜ୍ରା, ନିହିମିୟା, ଏଷ୍ଟର ପୁସ୍ତକଗୁଡ଼ିକରେ, ଇଶ୍ରାୟେଲ ସନ୍ତାନମାନଙ୍କ ବନ୍ଦୀତ୍ୱ ଅବସ୍ଥାରୁ ପ୍ରତିଜ୍ଞାତ ଦେଶରେ ପଦାର୍ପଣ କରିବା ସମୟ ପର୍ଯ୍ୟନ୍ତର ଇତିହାସ ଲିଖିତ ହୋଇଅଛି । ଆୟୁବ, ଗୀତ ସଂହିତା, ହିତୋପଦେଶ, ଉପଦେଶକ, ପରମ ଗୀତ ଏହି ପାଞ୍ଚଟି ପୁସ୍ତକ ପଦ୍ୟମାଳା ରୂପେ ପରିଚିତ । ପୁରାତନ ନିୟମର ଅନ୍ୟ ପୁସ୍ତକ ଯିଶାଇୟ ଠାରୁ ମଲାଖି ଭବିଷ୍ୟଦ୍ ବକ୍ତାମାନଙ୍କ ପୁସ୍ତକ । ଏହି ପୁସ୍ତକଗୁଡ଼ିକରେ ଯୀଶୁଙ୍କ ଆଗମନ ଓ ମଣ୍ଡଳୀର ସ୍ଥାପନ ବିଷୟକ ଅନେକ ଭାବବାଣୀ ପଢ଼ିପାରିଥାଉ ।

ନୂତନ ନିୟମର ପ୍ରଥମ ଚାରିଟି ପୁସ୍ତକ ମାଥିଉ, ମାର୍କ, ଲୁକ ଓ ଯୋହନରେ ଯୀଶୁଖ୍ରୀଷ୍ଟଙ୍କ ଜୀବନ ଇତିହାସ ଲିଖିତ ହୋଇଅଛି । ଏହି ଚାରିଟି ପୁସ୍ତକକୁ ସୁସମାଚାର ବୋଲି କୁହାଯାଏ । ଈଶ୍ୱରଙ୍କ ବାକ୍ୟ ଲିଖିତ ହେବାର ଉଦ୍ଦେଶ୍ୟ ବିଷୟରେ ପ୍ରେରିତ ଯୋହନ ଲେଖନ୍ତି,"ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟକର୍ମ ସାଧନ କଲେ, ସେହିସବୁ ଏହି ପୁସ୍ତକରେ ଲେଖାଯାଇନାହିଁ, କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କର, ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥି ନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।" (ଯୋହନ ୨୦:୩୦,୩୧) । ସୁସମାଚାର ପରେ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକ ଯାହାକି ଯୀଶୁଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ପରେ ପ୍ରେରିତମାନଙ୍କ କାର୍ଯ୍ୟର ଇତିହାସର ପୁସ୍ତକ । ପ୍ରଥମ ଶତାବ୍ଦୀରେ ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀର ସ୍ଥାପନ ଓ ଅଭିବୃଦ୍ଧି ବିଷୟକ ବିବରଣ ଏହି ପୁସ୍ତକରେ ପାଇ ପାରିଥାଉଁ । ସମୁଦାୟ ଜଗତକୁ ଯାଇ ସୁସମାଚାର ପ୍ରଚାର କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଯେଉଁ ଆଜ୍ଞା ଦେଇଥିଲେ, ତାହା ପ୍ରେରିତମାନେ କିପରି ନିର୍ବାହ କରିଥିଲେ ବର୍ଣ୍ଣିତ ହୋଇଅଛି । ନୂତନ ନିୟମରେ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକ ପରେ ଏକୋଇଶି ପତ୍ରମାଳା ଅଛି । ଏଥି ମଧ୍ୟରୁ କେତୋଟି ବ୍ୟକ୍ତିଗତ ପତ୍ର ଓ କେତୋଟି ମଣ୍ଡଳୀଗୁଡ଼ିକ

ଉଦ୍ଦେଶ୍ୟରେ ଲିଖିତ ହୋଇଥିଲା । ଏଥି ମଧ୍ୟରୁ ୧୪ ପତ୍ର ପାଉଲଙ୍କ ଦ୍ୱାରା ଲିଖିତ । ଯୀଶୁଖ୍ରୀଷ୍ଟଙ୍କ ଭ୍ରାତା ଯାକୁବଙ୍କ ଏକ ପତ୍ର ଏହି ପତ୍ରମାଳାର ଅନ୍ତର୍ଭୁକ୍ତ । ପ୍ରେରିତ ପିତର ଦୁଇ ପତ୍ର ଓ ପ୍ରେରିତ ଯୋହନ ତିନିଟି ପତ୍ର ମଧ୍ୟ ଏହି ବିଭାଗରେ ସ୍ଥାନ ପାଇଅଛି । ଯିହୁଦାଙ୍କ ଏକ ପର୍ବ ବିଶିଷ୍ଟ ଏକ ପତ୍ର ଏହି ପତ୍ରମାଳାର ଶେଷ ପତ୍ର । ପ୍ରକୃତ ଖ୍ରୀଷ୍ଟିୟନ ଜୀବନଯାପନ ବିଷୟରେ ଆମ୍ଭମାନଙ୍କୁ ଏହି ପତ୍ରଗୁଡ଼ିକ ଦ୍ୱାରା ଈଶ୍ୱର ଶିକ୍ଷା ଦିଅନ୍ତି । ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକ ଦ୍ୱାରା ଆମ୍ଭେମାନେ କିପରି ପରିତ୍ରାଣ ପାଇପାରିବା ବ୍ୟକ୍ତ କରାଯାଇଛି, ଏବଂ ସେହି ପରିତ୍ରାଣ ଶେଷ ପର୍ଯ୍ୟନ୍ତ କିପରି ଧରି ରଖିପାରିବା ଏହି ୨୧ ପତ୍ରମାଳା ଦ୍ୱାରା ଆମ୍ଭମାନଙ୍କୁ ସଚେତନ କରାଯାଇଅଛି । ନୂତନ ନିୟମର ଏକମାତ୍ର ଭାବବାଣୀର ପୁସ୍ତକର ନାମ ହେଲା - ପ୍ରକାଶିତ ବାକ୍ୟ । ଏହା ଅଦ୍ଭୁତ ସାଂକେତିକ ଭାଷାରେ ଲିଖିତ ହୋଇଅଛି । ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀର ବିଜୟ ଭାବବାଣୀ ଏହି ପୁସ୍ତକ ଦ୍ୱାରା ଅଶିତୟ ଭାବେ ତାଡ଼ିତ ହେଉଥିବା ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କୁ ସାଙ୍କେତିକ ଭାଷାରେ ଜଣାଇ ଦିଆଯାଇଥିଲା । ସୃଷ୍ଟିକର୍ତ୍ତା ପରମ ପିତାଙ୍କ ବାସସ୍ଥାନ ଆମ୍ଭମାନଙ୍କ ପ୍ରତ୍ୟେକ ଜଣଙ୍କ ଆକାଂକ୍ଷାର କାରଣ, ସେହି ସ୍ୱର୍ଗର ଏକ ସୁନ୍ଦର ବିବରଣ ଏହି ପୁସ୍ତକରେ ପଢ଼ିପାରିଥାଉଁ ।

ବାଇବଲ ଆମ୍ଭମାନଙ୍କ ଜୀବନର ଅମୂଲ୍ୟ ସମ୍ପଦ । ଯତ୍ନ ପୂର୍ବକ ଏହା ଅନୁସନ୍ଧାନ କରି, ପ୍ରାର୍ଥନା ପୂର୍ବକ ଏହାର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ଇହଲୋକ ଓ ପରଲୋକରେ ଆଶୀର୍ବାଦ ପ୍ରାପ୍ତ ହୋଇପାରିବା ।

***-ROY BEASLEY***

❋❋❋

# ଇଶ୍ରାୟେଲକୁ ପ୍ରତିଜ୍ଞାତ ଦେଶରେ କଢ଼ାଇ ନେଇଥିବା ନେତା

## (A Leader for Israel's First steps)

ମିଶରର ବନ୍ଦୀତ୍ୱରୁ ଇଶ୍ରାୟେଲକୁ କଢ଼ାଇ ଆଣିଥିବା ନେତା ମୋଶାଙ୍କ ଅନାଜ୍ଞାବହତା ଯୋଗୁଁ, ସେ ସେମାନଙ୍କୁ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରାଇପାରିଲେ ନାହିଁ । ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ନିମନ୍ତେ ଏକ ନୂତନ ନେତା ମନୋନୀତ

କଲେ । ବିଶ୍ୱାସ ଯୋଦ୍ଧା ଯିହୋଶୂୟ ପ୍ରତିଜ୍ଞାତ ଦେଶରେ ସେମାନଙ୍କୁ କଢ଼ାଇ ନେବା ନିମନ୍ତେ ସଦାପ୍ରଭୁ ପରମେଶ୍ୱରଙ୍କ ଦ୍ୱାରା ମନୋନୀତ କରାଗଲେ । କିଣାନ ଦେଶ ଅନୁସନ୍ଧାନ କରିବା ନିମନ୍ତେ ଦ୍ୱାଦଶ ବଂଶରୁ ଦ୍ୱାଦଶ ଅଧିପତିମାନଙ୍କୁ ମୋଶା ପ୍ରେରଣ କରିଥିଲେ । କିଣାନୀୟ ଦେଶ ଓ ସେଠାରେ ଅଧିପତିମାନଙ୍କୁ ଦେଖି ଦଶଜଣ ଅଧିପତି ଆଶ୍ଚର୍ଯ୍ୟ ଓ ଭୟଭୀତ ହୋଇଥିଲେ କିନ୍ତୁ କାଲେବ ଓ ଯିହୋଶୂୟ କହିଲେ, ''ଆସ, ଆମ୍ଭେମାନେ ଏକା ବେଳକେ ଉଠିଯାଇ ତାହା ଅଧିକାର କରୁ, ତାହା ପରାସ୍ତ କରିବାକୁ ଆମ୍ଭମାନଙ୍କର ଯଥେଷ୍ଟ ବଳ ଅଛି ।'' (ଗଣନା ୧୩:୧-୧୪:୩୦) ।

ଇଶ୍ରାୟେଲ ଗୋଷ୍ଠୀକୁ ଯର୍ଦ୍ଦନ ପାର କରାଇବାର ଦୃଢ଼ ଆକାଂକ୍ଷା ମୋଶାଙ୍କର ଥିଲେ ସୁଦ୍ଧା, ତାହାଙ୍କ ପଦରେ ଯିହୋଶୂୟ ସଦାପ୍ରଭୁଙ୍କ ଦ୍ୱାରା ମନୋନୀତ କରାଗଲେ । ତାହାଙ୍କୁ ଏହି ପଦରେ ନିଯୁକ୍ତ କରିବା ପୂର୍ବେ ସଦାପ୍ରଭୁ ପରମେଶ୍ୱର ସେହି କାର୍ଯ୍ୟ ନିମନ୍ତେ ତାହାଙ୍କୁ ଉପଯୁକ୍ତ ତାଲିମ ଦେଇଥିଲେ । ଉଦାହରଣ ସ୍ୱରୂପ - ଅମାଲେକମାନଙ୍କ ସହିତ ଇଶ୍ରାୟେଲ ଯୁଦ୍ଧ କରିବା ସମୟରେ ଯିହୋଶୂୟ ସେମାନଙ୍କ ନେତୃତ୍ୱ ଗ୍ରହଣ କରିଥିଲେ । (ଯାତ୍ରା ୧୭:୮-୧୬) ବ୍ୟବସ୍ଥା ଗ୍ରହଣ କରିବାକୁ ମୋଶା ପର୍ବତ ଆରୋହଣ କରିବା ସମୟରେ ଯିହୋଶୂୟ ତାହାଙ୍କ ସାଙ୍ଗରେ ଥିଲେ । ମୋଶାଙ୍କ ପର୍ବତ ଆରୋହଣ ଓ ଅବତରଣର ଚାଳିଶି ଦିନର ସମୟ ବିଧିରେ ଇଶ୍ରାୟେଲ ଜାତି ବିପଦଗାମୀ ହୋଇ ସୁବର୍ଣ୍ଣ ଗୋବତ୍ସର ପୂଜା କରିବା ବେଳେ ଯିହୋଶୂୟ ମୋଶାଙ୍କ ସହିତ ଥିଲେ । (ଯାତ୍ରା ୩୨:୧-୨୦) । ଇଲନଦ ଓ ମେଦନଙ୍କ ସପକ୍ଷରେ ନିଃସ୍ୱାର୍ଥପର ମୋଶାଙ୍କ ବିଚାର ସମୟରେ ଯିହୋଶୂୟ ସେଠାରେ ଉପସ୍ଥିତ ଥିଲେ । (ଗଣନା ୧୧:୨୪-୩୦) ।

ଆପଣାର ମୃତ୍ୟୁପରେ ଇଶ୍ରାୟେଲର ନେତୃତ୍ୱର ଭାର ବହନ କରିବା ନିମନ୍ତେ ଏକ ନେତା ମନୋନୀତ କରିବା ପାଇଁ ମୋଶା ସଦାପ୍ରଭୁଙ୍କୁ ଅନୁରୋଧ କରିବାର ବିଷୟ ଆମ୍ଭେମାନେ ଗଣନା ୨୭:୧୫-୨୦ ପଦଗୁଡ଼ିକରେ ପଢ଼ିପାରୁ । ଇଲିୟାସ୍‌ର ଯାଜକ ଓ ସମସ୍ତ ଇଶ୍ରାୟେଲ ମଣ୍ଡଳୀ ସମ୍ମୁଖରେ ମୋଶା ଯିହୋଶୂୟଙ୍କ ଉପରେ ହସ୍ତାର୍ପଣ କରି ଆପଣା ସମ୍ଭ୍ରମ ତାହାଙ୍କୁ ଅର୍ପଣ କଲେ, ଯେପରିକି ଇଶ୍ରାୟେଲ ସମାଜ ମୋଶାଙ୍କ ସଦୃଶ୍ୟ ଯିହୋଶୂୟ ସେମାନଙ୍କ ନିମନ୍ତେ ମନୋନୀତ ବ୍ୟକ୍ତି ବୋଲି ଜ୍ଞାତ ହୋଇ ତାହାଙ୍କୁ ସମ୍ମାନିତ କରିବେ । ମୋଶାଙ୍କ ମୃତ୍ୟୁପରେ ସଦାପ୍ରଭୁ ପରମେଶ୍ୱରଙ୍କ ମନୋନୀତ ସନ୍ତାନମାନଙ୍କୁ ପ୍ରତିଜ୍ଞାତ ଦେଶରେ କଢ଼ାଇବାର ଭାର ଯିହୋଶୂୟଙ୍କ

ସ୍କନ୍ଧରେ ପଡ଼ିଲା । ଲେଖାଯାଏ,''ମୋଶା ନୂନର ପୁତ୍ର ଯିହୋଶୂୟଙ୍କର ମସ୍ତକରେ ହସ୍ତାର୍ପଣ କରିଥିବାରୁ ସେ ଜ୍ଞାନଦାୟକ ଆତ୍ମାରେ ପରିପୂର୍ଣ୍ଣ ଥିଲେ । ପୁଣି ଇଶ୍ରାୟେଲ ସନ୍ତାନଗଣ ତାଙ୍କର କଥା ଶୁଣି ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ଆଜ୍ଞାନୁସାରେ କର୍ମ କରିବାକୁ ଲାଗିଲେ ।'' (ଦ୍ୱିତୀୟ ବିବରଣ ୩୪:୯)

ନେତୃତ୍ୱର ଭାର ଗ୍ରହଣ କରିବା ପରେ ଯିହୋଶୂୟଙ୍କୁ ଇଶ୍ରାୟେଲ ଜାତିକୁ ଯର୍ଦ୍ଦନ ପାର କରିବା ନିମନ୍ତେ ସଦାପ୍ରଭୁ ନିର୍ଦ୍ଦେଶ ଦେଲେ । (ଯିହୋଶୂୟ ୧:୧-୯) । ଜଣେ ଲେଖକଙ୍କ ମତରେ ଗାଲୀଲୀ ସମୁଦ୍ର ଓ ମୃତ ସମୁଦ୍ର ମଧ୍ୟରେ ପ୍ରଖର ସ୍ରୋତ ବହୁଥିବା ୨୭ଟି ନଦୀଶଯ୍ୟା (Rapids) ଥିଲା । ସାତଶହ ଫୁଟ ଉଚ୍ଚତାରୁ ଜଳପାତ ହୋଇ ଷାଠିଏ ମାଇଲ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ଯର୍ଦ୍ଦନ ନଦୀର ପରିଧି । ଛଅଲକ୍ଷ ଇଶ୍ରାୟେଲ ଓ ତାହାଙ୍କ ମେଷପଲଙ୍କୁ ଏହିପରି ମହାନଦୀ ପାର କରାଇବାର ଭାର ସଦାପ୍ରଭୁ ଯିହୋଶୂୟଙ୍କୁ ସ୍କନ୍ଧରେ ଥୋଇଥିଲେ ।

''ଯେ ଯେ ସ୍ଥାନରେ ତୁମ୍ଭମାନଙ୍କ ତଳିପା ପଡ଼ିବ ସେସବୁ ସ୍ଥାନ ମୋଶାଙ୍କ ପ୍ରତି ସଦାପ୍ରଭୁଙ୍କ ବାକ୍ୟାନୁସାରେ ଆମ୍ଭେ ତୁମ୍ଭମାନଙ୍କୁ ଦେଲୁ ।'' ସଦାପ୍ରଭୁଙ୍କର ଏହି ପ୍ରତିଜ୍ଞା ପ୍ରାପ୍ତି ନିମନ୍ତେ ଇଶ୍ରାୟେଲ ଗୋଷ୍ଠୀଙ୍କୁ କେତୋଟି ସର୍ତ୍ତ ପୂରଣ କରିବା ଆବଶ୍ୟକ ଥିଲା । ଯେପରି ବାକ୍ୟ କହେ,''ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ଧ୍ୟାନ କର, ତାହା କଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ ।'' ଦକ୍ଷିଣରେ ଆରବୀୟ ପ୍ରାନ୍ତର ଠାରୁ ପଶ୍ଚିମରେ ଭୂମଧ୍ୟ ସାଗର (Mediteranean) ସମୁଦ୍ର ପର୍ଯ୍ୟନ୍ତ ଇଶ୍ରାୟେଲର ପ୍ରତିଜ୍ଞାତ ଦେଶର ସୀମା ଥିଲା । (ଯିହୋଶୂୟ ୧:୧-୯)

ସଦାପ୍ରଭୁଙ୍କର କାର୍ଯ୍ୟରେ ଅଗ୍ରସର ହୋଇଯିବା ନିମନ୍ତେ ସଦାପ୍ରଭୁ ମୋଶାଙ୍କର ଯେପରି ସହବର୍ତ୍ତୀ ଥିଲେ, ଯିହୋଶୂୟଙ୍କ ସହିତ ସେହିପରି ସହବର୍ତ୍ତୀ ହୋଇ ରହିବା ନିମନ୍ତେ ପ୍ରତିଜ୍ଞା କରିଥିଲେ । ବହୁ ଶକ୍ତିଶାଳୀ ଫାରୋ ମୋଶାଙ୍କ ପ୍ରତିରୋଧ ଯେପରି କରି ପାରିନଥିଲେ । ସେହିପରି ଭାବେ ଯିହୋଶୂୟଙ୍କ ବିରୁଦ୍ଧରେ କୌଣସି ଶକ୍ତି ବିଜୟୀ ହୋଇପରିଲା ନାହିଁ । ଏବ୍ରୀ ପୁସ୍ତକ କର୍ତ୍ତା ଯିହୋଶୂୟଙ୍କ ପ୍ରତି ସଦାପ୍ରଭୁଙ୍କ କଥିତ ଏହି ବାକ୍ୟ ଦ୍ୱାରା ଆଦିମ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରନ୍ତି, ''ଆମ୍ଭେ ତୁମ୍ଭଙ୍କୁ କେବେହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭଙ୍କୁ କେବେହେଁ ପରିତ୍ୟାଗ କରିବା ନାହିଁ ।'' (ଏବ୍ରୀ ୧୩:୫) । ସଦାପ୍ରଭୁଙ୍କ ଆଜ୍ଞାପାଳନ କରିବା ପର୍ଯ୍ୟନ୍ତ ତାହାଙ୍କ ଆଶୀଷ ଆମ୍ଭମାନଙ୍କ

ସହବର୍ତ୍ତୀ ହୋଇଥାଏ । ମନୁଷ୍ୟମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଆଜ୍ଞାସବୁ ପାଳନ କରିବା ଦ୍ୱାରା ହିଁ ଆମ୍ଭେମାନେ ତାହାଙ୍କ ପ୍ରତିଜ୍ଞାତ ସମସ୍ତ ଆଶୀର୍ବାଦର ସହଭାଗୀ ହୋଇପାରିବା ।

*- Gary C. Hampton*

❃❃❃

# ଖ୍ରୀଷ୍ଟଙ୍କ ଠାରେ ନିହିତ ଆଶୀର୍ବାଦ
## (BLESSING IN CHRIST)

ଏଫିସୀ ପ୍ରଥମ ପର୍ବ ତୃତୀୟ ପଦରେ ଏପରି କୁହାଯାଇଅଛି,"ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱର ଓ ପିତା ଧନ୍ୟ ହେଉନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।"

ସମସ୍ତ ଆତ୍ମିକ ଆଶୀର୍ବାଦ ଖ୍ରୀଷ୍ଟଙ୍କ ଠାରେ ନିହିତ ହୋଇ ରହିଅଛି ବୋଲି ଏହି ବାକ୍ୟ ଦ୍ୱାରା ଜାଣିପାରୁ । **ପରିତ୍ରାଣ**-"ଅତଏବ ମନୋନୀତ ଲୋକମାନେ ମଧ୍ୟ ଯେପରି ଅନନ୍ତ ଗୌରବ ସହିତ ଖ୍ରୀଷ୍ଟ ଯୀଶୁଙ୍କ ଦତ୍ତ ପରିତ୍ରାଣ ପ୍ରାପ୍ତ ହୁଅନ୍ତି, ଏଥିପାଇଁ ମୁଁ ସେମାନଙ୍କ ନିମନ୍ତେ ସମସ୍ତ ବିଷୟ ଧୈର୍ଯ୍ୟଧରି ସହ୍ୟ କରୁଅଛି ।" (୨ୟ ତୀମଥି ୨:୧୦) **ପାପକ୍ଷମା** - "ତାହାଙ୍କ ଅନୁଗ୍ରହ ରୂପନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମ ଠାରେ ତାହାଙ୍କ ରକ୍ତଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁର କ୍ଷମା ପ୍ରାପ୍ତ ହୋଇଅଛୁ ।" (ଏଫିସୀ ୧:୭) । ପୁନର୍ବାର ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି,"ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କ ଠାରେ ଅଛନ୍ତି, ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି **ଦଣ୍ଡାଜ୍ଞା** ନାହିଁ ।"

ଖ୍ରୀଷ୍ଟଙ୍କ ଠାରେ ମୃତ୍ୟୁ ଭୋଗିବା ଲୋକଙ୍କ ବିଷୟରେ ବାକ୍ୟ କହେ, "ଯେଉଁମାନେ **ପ୍ରଭୁଙ୍କ ଠାରେ ଥାଇ ମରନ୍ତି,** ସେମାନେ ଧନ୍ୟ ।" (ପ୍ରକାଶିତ ବାକ୍ୟ ୧୪:୧୩) । **ଅନନ୍ତ ଜୀବନ** - ପ୍ରେରିତ ଯୋହନ ଆପଣା ପ୍ରଥମ ପତ୍ରରେ ଏପରି ଲେଖନ୍ତି,"ସେହି ସାକ୍ଷ୍ୟ ଏହି ଯେ, ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କ ଠାରେ ଅଛି ।" (୧ମ ଯୋହନ ୫:୧୧)

ସୈନ୍ୟାଧିପତି ସଦାପ୍ରଭୁଙ୍କ ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟ ସମସ୍ତ ଆଶୀର୍ବାଦର ଆକାର । ଖ୍ରୀଷ୍ଟଙ୍କ ଠାରେ ଥିବା ଲୋକେ ସେହି ଆଶୀଷ ସକଳର ଅଧିକାରୀ

ହୋଇପାରିବେ । ତେବେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭେମାନେ କିପରି ପ୍ରବେଶ କରିପାରିବା ? ଈଶ୍ୱରଙ୍କ ବାକ୍ୟ କହେ,"ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।" (ରୋମୀୟ ୧୦:୧୦) ପ୍ରେରିତ ୧୧:୧୮ ପଦରେ ପିତର କହନ୍ତି,".....ଈଶ୍ୱର ବିଜାତିମାନଙ୍କୁ ମଧ୍ୟ ଜୀବନ ପ୍ରାପ୍ତି ନିମନ୍ତେ ମନପରିବର୍ତ୍ତନ ଦାନ କରିଅଛନ୍ତି ।" ପୁନର୍ବାର ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି,"କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।" (ରୋମୀୟ ୧୦:୧୦)

ରୋମୀୟ ଷଷ୍ଠ ପର୍ବ ତୃତୀୟ ପଦରେ କୁହାଯାଏ,"ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ବାପ୍ତିଜିତ ହେବା ପ୍ରତ୍ୟେକ ବ୍ୟକ୍ତି ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଥାନ୍ତି । ଗାଲାତୀ ମଣ୍ଡଳୀକୁ ପ୍ରେରିତ ପାଉଲ କହନ୍ତି,"ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (୩:୨୭) । ବାପ୍ତିଜିତ ହେବା ଦ୍ୱାରା ଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀରେ ସଂଯୁକ୍ତ କରାଯାଇଥାଏ । ଯେପରି ବାକ୍ୟ କହେ,".....ସମସ୍ତେ ତ ଏକ ଆତ୍ମାଙ୍କ ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛୁ ଆଉ ସମସ୍ତେ ଏକ ଆତ୍ମାରୁ ପାନ କରୁଅଛୁ । (୧ମ କରିନ୍ଥୀ ୧୨:୧୩)

ଉପରଲିଖିତ ବାକ୍ୟ ଗୁଡ଼ିକରୁ ଖ୍ରୀଷ୍ଟଙ୍କ ଠାରେ ନିହିତ ଅନେକ ଆଶୀଷ ବିଷୟ ଜାଣିପାରିଲୁ । ସେହି ଆଶୀଷ ଗୁଡ଼ିକ ଲାଭ କରିବା ନିମନ୍ତେ ଆମ୍ଭମାନଙ୍କୁ ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟଙ୍କ ଠାରେ ତଥା ତାହାଙ୍କ ମଣ୍ଡଳୀରେ ପ୍ରବେଶ କରିବା ଆବଶ୍ୟକ । ତାହାଙ୍କ ଆଜ୍ଞାପାଳନ ନକରି ତାହାଙ୍କ ଠାରୁ ଦୂରରେ ରହି ତାହାଙ୍କ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୋଇପାରିବା ନାହିଁ । ତେଣୁକରି ଆସ, ଖ୍ରୀଷ୍ଟଙ୍କ ଆଜ୍ଞା ସକଳ ପାଳନ କରି ତାହାଙ୍କ ଠାରେ ଥିବା ସକଳ ଆତ୍ମୀୟ ଆଶୀଷର ସହଭାଗୀ ହେଉଁ । "ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।" (ଯାକୁବ ୧:୧୭) ।

***- John Stacy***

**Edited & Published by : Kabita & Joshua Gootam**

# LIVING WITHOUT CHRIST

***INTRODUCTION :***

1. The gospel means "Good News".
2. The gospel exists because of man's need of salvation.
3. But before anyone will accept it then he must realize his need for it.
4. In Acts 2 : 14-40 is recorded the first gospel sermon ever preached.
   a. When the people heard it they asked what they should do. Why?
   b. Because they were convicted of their sin.
5. Let us now study concerning sin.

***DISCUSSION :***

**I. Sin Defined.**

1. "Whosoever committeth sin transgresseth also the law : for sin is the transgression of the law".
2. One sins when he fails to do good. (James 4 : 17).
3. Further, the New Testdment not only deals with the out ward sin but with the motive as well. (Matthew 5 : 21,22,27,28; Matthew 15 : 19; Galatians 5 : 19-21).

**II. The Universality of Sin.**

1. All have sinned. (Rom. 2 : 23).
2. Sin is everywhere in every form.

**III. Origin of Sin.**

1. The author of sin is the Devil.
2. "He that committeth sin is of the devil; for the devil sinneth from the beginning". (1 John 3 : 8).
3. The devil's avenue of approach in getting men to sin is through temptation. (John 13:2; 1 Cor. 7:5).

**IV. The effects and consequences of sin.**

1. The state of the sinner.
   a. He is separated from God. (Isa. 59 : 2)
   b. He lives in darkness. (Col. 1 : 13)
   c. He is a child of the devil. (John 8 : 44)
   d. He is spiritually sick. (Matt. 9 : 12)
   e. He is a servant of sin. (Rom. 6 : 16)
   f. He is lost. (Luke 19 : 10).
   g. He is heavily burdened. (Matt. 11 : 28)
2. The most horrible effect is death-two deaths.
   a. Physical death is the effect of Adam's sin, not of personal sins.
   (1) All men will die regardles of their spiritual state. (1 Cor. 5 : 21,22).
   (2) All will be raised. (John 5 : 28,29).

(3) Will not have to answer for Adam's sins. (Rom. 14 : 12; 2 Cor. 5 : 10).

b. The penalty for personal sins is the second death which is spiritual.

(1) Cast into the lake of fire. (Rev. 21 : 8).

(2) The wages of sin is death. (Rom. 6 : 23).

(3) The Lord will seek vengeance. (2 Thess. 1 : 7-9).

(4) Hell is a real place. (Matt 13:42).

(a) Tormented day and night for ever and ever. (Rev. 20 : 10).

(b) It was prepared for the Devil and his angels. (Matt. 25 : 41)

(5) Cannot blame God if we are lost.

(a) Has warned us.

(b) Has provided a way of escape.

**V. Only Christ can remove our sins.**

1. He invites all to come. (Matt. 11 : 28).
2. Gospel has been given. (Mk. 16 : 15,16).
3. Saved are added to the church. (Acts 2 : 47).
4. The faithful receive a crown of life. (Rev. 2 : 10).

***CONCLUSION :***

1. It is a terrible life without Christ.
2. But you need not live without him.
3. Come to Jesus today.

***- J.C. Choate***

**Printed Book Only**

From:

SATYA VANI
**P.O. Box 80,**
**Kakinada - 533 001**

**To**

**(FOR PRIVATE CIRCULATION ONLY)**